# Akashvani, Sambalpur

## SAMBALPURI NEWS EVENING BULLETIN

## 08 October 2025- 7.02 pm- 7.12 pm.

**********************************************

୧- ଟେଲିକମ୍ କ୍ଷେତ୍ରଥି ଦେଶର୍ ସଫଳତା ଆତ୍ମନିର୍ଭର୍ ଭାରତ୍ର ଶକ୍ତିକେ ଦେଖଉଛେ କହେଲେ ପ୍ରଧାନ୍ମନ୍ତ୍ରୀ ।

- ନୂଆଦିଲ୍ଲୀ ନ ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍-୨୦୨୫ର କଲେ ଉଦ୍ଘାଟନ୍ ।

୨- ରାଜ୍ୟର୍ ଆଇନ୍ ଶୃଙ୍ଖଲା ଥିତିର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନାଥି ସମ୍ବଲ୍ପୁର୍ ଷ୍ଟେସନ୍ନୁ ଅଯୋଧ୍ୟା -ବାରାଣାସୀ ଗଲେ ପାଖାପାଖି ୮ ଶହ ତୀର୍ଥଯାତ୍ରୀ ।

ଆଉର୍

୪- ବାୟୁସେନାର୍ ବୀର ଯୋଦ୍ଧାଙ୍କର୍ ନିଷ୍ଠା ଆଉ ସମର୍ପଣ୍କେ ସମ୍ମାନ୍ ଜନେଇକରି ଆଏଜ୍ ପାଳନ୍ କରାଯାଉଛେ ଭାରତୀୟ ବାୟୁସେନା ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ-ଆଇଏମ୍‌ସି ଏନ୍‌ଏସ୍‌ଡି

ଟେଲିକମ୍ କ୍ଷେତ୍ରଥି ଦେଶର୍ ସଫଳତା ଆତ୍ମନିର୍ଭର୍ ଭାରତ୍‌ର ଦୂରଦୃଷ୍ଟି ସମ୍ପନ୍ନ ଶକ୍ତିକେ ଦେଖଉଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଯଶୋଭୂମିଠାନେ ଆଏଜ୍ ଏସିଆର୍ ସବୁନୁ ବଡ଼ ଟେଲିକମ୍, ଗଣମାଧ୍ୟମ୍ ଆଉ ପ୍ରଯୁକ୍ତି ବିଦ୍ୟା କାର୍ଯ୍ୟକ୍ରମ୍ 'ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍-ଆଇଏମ୍‌ସି' କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଭାରତ୍ ନ ନିବେଶ୍, ନୂଆଁ ସୃଜନ୍ ଆଉ ମେକ୍ ଇନ୍ ଇଣ୍ଡିଆ ଲାଗି ଇହାଦେ ବହୁତ୍ ଭଲ୍ ସମିଆ ଆଏ । ଦେଶ୍ ନୂଆଁ ସୃଜନ୍ ଆଉ ପ୍ରଗତି ଲାଗି ଗୁଟେ ପ୍ରଭାବ୍‌ଶାଲୀ ମଚାନ୍ ଭାବେ ଉଭା ହଉଛେ । ଭାରତ୍ ଇହାଦେ ପୁର୍‌ଥିର୍ ୨ ନମ୍ବର୍ ସବୁନୁ ବଡ଼ ଟେଲିକମ୍ ଆଉ ଫାଇଭ୍-ଜି ବଜାର୍ ହେଇଛେ । ଆଏଜ୍ ଦେଶର୍ ଫି' ଜିଲ୍ଲା ନ ଫାଇଭ୍-ଜି ସେବା ପୁହୁଁଚିପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୧)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ମୋବାଇଲ୍, ଟେଲିକମ୍, ଇଲେକ୍ଟ୍ରୋନିକ୍ସ ଆଉ ସବୁ ପ୍ରଯୁକ୍ତିବିଦ୍ୟା ଭିତିଭୂମିଥି ବିଶ୍ୱସ୍ତରଥି ଥିବା ପ୍ରତିବନ୍ଧକ୍‌ର ସମାଧାନ୍ ଭାରତ୍‌ର ପାଖେ ଅଛେ । ଦେଶେ ଡିଜିଟାଲ୍ ଯୋଗାଯୋଗ୍ ଇହାଦେ ସୌଖିନ୍ ହେଇକରି ନାଇଁ ରହି । ଇଟା ଫି' ଭାରତୀୟଙ୍କର୍ ଜୀବନ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଇଗଲାନ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୨)

ଦୂରସଂଚାର୍ ବିଭାଗ୍ ଆଉ ଭାରତ୍‌ର ସେଲୁଲାର୍ ଅପରେଟର୍ ସଂଘ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍ ଆଏବା ଶନିବାର୍ ଦିନ୍ ତକ୍ ଚାଲ୍‌ବା । ଇ ଅବ୍‌ସରେ ନୂଆଁ ସୃଜନ୍‌ନୁ ପରିବର୍ତ୍ତନ୍ ଶୀର୍ଷକ୍ ଆଲୋଚନା କରାଯିବା ।

ଓୟୁଟିଆର୍ ଥାପ୍‌ନା ଦିବସ୍- ରାଜ୍ୟପାଲ୍ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଛାତ୍ରଛାତ୍ରୀମାନେ ଶିକ୍ଷାର୍ ଉପଯୋଗ୍ କରିକରି ଭାରତ୍‌ର ଆତ୍ମନିର୍ଭରଶୀଲତାକେ ବର୍‌କସ୍ କର୍‌ବାର୍ ଦିଗେ ଅର୍ଥପୂର୍ଣ୍ଣ ନୂଆଁ ସୃଜନ୍ ଆଉ ସ୍ଥାୟୀ ସମାଧାନ୍ ସୃଷ୍ଟି କର୍‌ବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ । ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଆଉ ଗବେଷଣା ବିଶ୍ୱବିଦ୍ୟାଳୟ ଥାପ୍‌ନା ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଭାରତ୍ ମେକ୍ ଇନ୍ ଇଣ୍ଡିଆ ସହେତେ ଡିଜାଇନ୍ ଇନ୍ ଇଣ୍ଡିଆ ଆଉ ଇନୋଭଟ୍ ଫର୍ ଦ ୱାର୍ଲ୍ଡ ଦିଗ୍‌କେ ଧ୍ୟାନ୍ ଦେବାର୍ ଉଚିତ୍ । ଭାରତ୍‌ର ସେମିକଣ୍ଡକ୍ଟର୍ ବିପ୍ଳବଥି ଓଡ଼ିଶାର୍ ଭୂମିକା ବହୁତ୍ ବଡ଼ ରହିଛେ । ସେମିକଣ୍ଡକ୍ଟର୍ ଉତ୍ପାଦନ୍ ଆଉ ଫେବ୍‌ଲେସ୍ ନୀତି ଅଧିନ୍‌ଥି ଓଡ଼ିଶାକେ ପ୍ରଯୁକ୍ତି ବିଦ୍ୟା ଅଭିବୃଦ୍ଧିର୍ କେନ୍ଦ୍ର

ଭାବେ ବିକଶିତ୍ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ଚେରେଷ୍ଟା କରୁଛନ୍ ବଲି ରାଜ୍ୟପାଲ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଆଇନ୍ ଶୃଙ୍ଖଳା ସମୀକ୍ଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟର୍ ଆଇନ୍ ଶୃଙ୍ଖଳା ପରିସ୍ଥିତିକେ ନେଇକରି ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର୍ ଇହାଛିନିର୍ ଆଇନ୍ ଶୃଙ୍ଖଳା ଥିତିର୍ ସମୀକ୍ଷା କରିଛନ୍ । ଖାସ୍ କରି ରାଏଜେ ଘଟୁଥିବା ହତ୍ୟାକାଣ୍ଡ ସହେତେ ଭିନ୍ ଭିନ୍ ଅପରାଧ୍ ବାବ୍‌ଦେ ଆଲୋଚନା କରିଛନ୍ । ବୈଠକ୍‌ଥି ଗୃହ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍, ଗୁଇନ୍ଦା ନିର୍ଦ୍ଦେଶକ୍, ଆଇନ୍ ଶୃଙ୍ଖଳା ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ୍‌ଙ୍କର୍ ସହେତେ ଆଇନ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜନଜାତି ବିଧାୟକ, ସାଂସଦ୍ ତାଲିମ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ଥିବା ରାଜ୍ୟ ବିଜେପି କାର୍ଯ୍ୟାଲୟ ନ ଆଏବା କାଏଲ୍ ଦଲର୍ ଜନଜାତି ବିଧାୟକ୍ ଆଉ ସାଂସଦ୍ ମାନ୍‌କୁ ତାଲିମ୍ ଦିଆଯିବା ବଲି ଦଲର୍ ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍ କହିଛନ୍ । ଶ୍ରୀ ତୋମାର୍ କହିଛନ୍, ଶିବିର୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଯୋଗ୍ ଦେବେ । ତାଙ୍କର୍ ସହେତେ ଦଲର୍ ରାଷ୍ଟ୍ରୀୟ ସଂଗଠନର୍ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ୍, ରାଷ୍ଟ୍ରୀୟ ସଂଗଠକ୍ ଭି.ସତୀଶ୍ ଭିଲ୍ ଯୋଗ୍ ଦେବେ । ଇ ଅବ୍‌ସରେ ସାଂସଦ୍ ଆଉ ବିଧାୟକ୍ ମାନ୍‌କୁ ନିଜର୍ ନିଜର୍ କ୍ଷେତ୍ର ନ ୨୦ ନୁ ୨୫ ଟା ଲେଖା ଗାଁକେ ପୋଷ୍ୟ ଭାବେ ଗ୍ରହଣ୍ କର୍‌ବାର୍‌କେ ପରାମର୍ଶ ଦିଆଯିବା ବଲି ଶ୍ରୀ ତୋମାର୍ କହିଛନ୍ । ଇତାର୍ ସହେତେ ଆଏବା କାଏଲ୍ ହେବାର୍‌କେ ଥିବା ବିଜେପିର୍ କୋର୍ କମିଟିର୍ ବୈଠକ୍‌ଥି ନୂଆପଡ଼ା ଉପ ନିର୍ବାଚନ୍ ବାବ୍‌ଦେ ଆଲୋଚନା କରାଯିବା ବଲି ଶ୍ରୀ ତୋମାର୍ କହିଛନ୍ ।

ପୋସ୍ ଆଇନ୍- ତାଲିମ୍ କାର୍ଯ୍ୟକ୍ରମ୍ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ପୋସ୍ ଆଇନ୍-୨୦୧୩ ବାବ୍‌ଦେ ଗୁଟେ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମା ମୁଖ୍ୟଅତିଥି

ଭାବେ ଯୋଗ୍ ଦେଇକରି କର୍ମକ୍ଷେତ୍ର ନ ପୋସ୍ ଆଇନ୍‌ର ଗୁରୁତ୍ୱ ବାବ୍‌ଦେ ବୁଝେଇଥିଲେ । ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ଆଉ ବିଭାଗୀୟ ମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍‌ଥି ଗଲା ଜୁଲାଇ ମାସେ ଲୋକ୍‌ସେବା ଭବନ୍‌ର ୬ ଶହ ନୁ ଅଏତ୍‌କା ଅଧିକାରୀମାନ୍‌କୁ ନେଇକରି ପହେଲା ଖେପେ ପୋସ୍ ଆଇନ୍ ବାବ୍‌ଦେ ତାଲିମ୍ ଦିଆଯାଇଥିଲା । ୨ ନମ୍ବର୍ ଖେପେ ଆଏଜ୍ ୧୧ ଶହ ଅଧିକାରୀଙ୍କୁ ତାଲିମ୍ ଦିଆଯାଇଛେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଟ୍ରେନ୍ ସମ୍ବଲପୁର ସମ୍ବାଦଦାତା

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାର୍ ୪ ନମ୍ବର୍ ଖେପେ ଆଏଜ୍ ସମ୍ବଲ୍‌ପୁର୍‌ନୁ ଟ୍ରେନ୍‌ଥି ତୀର୍ଥଯାତ୍ରୀମାନେ ଅଯୋଧ୍ୟା ବାରାଣାସୀ ଯାତ୍ରା କରିଛନ୍ । ରାଜ୍ୟର୍ ୮ ଟା ଜିଲ୍ଲା ନ ପାଖାପାଖି ୮ ଶହ ଝନ୍ ବରିଷ୍ଠ ନାଗରିକ ଯାତ୍ରାଥି ସାମିଲ୍ ହେଇଛନ୍ । ଇ ତୀର୍ଥଯାତ୍ରୀମାନେ ଗଲାକାଏଲ୍‌ଠାନୁ ବସ୍ ଜରିଏ ସମ୍ବଲ୍‌ପୁର୍‌କେ ଆସିକରି ପୁହୁଁଚିଥିଲେ । ଆଏଜ୍ ସଖାଲୁ ସମ୍ବଲ୍‌ପୁର୍ ଷ୍ଟେସନ୍‌ନୁ ଅଯୋଧ୍ୟା- ବାରାଣାସୀ ଯାତ୍ରା କରିଛନ୍ । ସମ୍ବଲ୍‌ପୁର୍ ଷ୍ଟେସନ୍ ନ ଟ୍ରେନ୍ ଯାତ୍ରା କର୍‌ବାର୍ ଆଘୋନୁ ପ୍ରଶାସନ୍ ତର୍‌ଫୁ ସେମାନ୍‌କୁ ବିଦାୟ ଦିଆଯାଇଥିଲା । ଇ ଅବ୍‌ସରେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍,

ସମ୍ବଲପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଆର୍ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇକରି ତୀର୍ଥଯାତ୍ରୀମାନ୍‌କୁ ଶୁଭେଚ୍ଛା ଜନେଇଥିଲେ ।

ଭାରତୀୟ ବାୟୁସେନା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ସାର୍ବଭୌମତ୍ୱକେ ସୁରକ୍ଷା ଦେବାର୍ ଲାଗି ଭାରତୀୟ ବାୟୁସେନା ଆକାଶ୍‌ମାର୍ଗ ନ ଜାଗ୍ରତ ପ୍ରହରୀ ଭାବେ ଅହରହ ପହରା ଦଉଛେ । ଆକାଶ୍‌ମାର୍ଗନୁ ସୁରକ୍ଷା ଦେବାର୍, ମାନବିକ୍ ସହାୟତା ଆଉ ବିପର୍ଯ୍ୟୟ ବେଲ୍‌କେ ଠିଆ ହେବାର୍ ବାଗିର୍ ବଳିଷ୍ଠ ଯୋଗଦାନ୍ ଆଉ ପ୍ରଶଂସନୀୟ କାମ୍‌କେ ସମ୍ମାନ୍ ଜନାବାର୍ ଲାଗି ଆଝିରର୍ ଦିନ୍‌କେ ଭାରତୀୟ ବାୟୁସେନା ଦିବସ୍ ଭାବେ ପାଲନ୍ କରାଯାଉଛେ । ବ୍ରିଟିଶ୍ ଶାସନ୍ ସମିଆଥି ୧୯୩୨ ମସିହା ଆଝିର୍ ଦିନେ ଭାରତୀୟ ବାୟୁସେନା ଥାପ୍‌ନା କରାଯାଇଥିଲା ।

ବାୟୁସେନା ଦିବସ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇକରି ଭାରତୀୟ ବାୟୁସେନା ସବୁବେଳେ ସାହସ୍, ସମର୍ପଣ୍ ଆଉ ଉତ୍କୃଷ୍ଟ ଉଦାହରଣ୍ ହେଇଛେ ବଲି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବାୟୁସେନାର୍ ବୀର ଯୋଦ୍ଧା ମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ବିପଦ୍ ସମିଆଥି ଦେଶର୍ ଆକାଶ୍‌ମାର୍ଗନୁ ସୁରକ୍ଷା ଦେବାର୍ କ୍ଷେତ୍ରଥି ବାୟୁସେନାର୍ ବଡ଼ ଭୂମିକା ରହିଛେ । ପ୍ରାକୃତିକ୍ ବିପର୍ଯ୍ୟୟ ସମିଆଥି ଭିଲ୍

ବାୟୁସେନାର୍ ଜବାନ୍ ମାନେ ପ୍ରଶଂସନୀୟ କାମ୍ କରିଆସୁଛନ୍ । ଇ ବୀର ମାନ୍‌କର୍ ସମର୍ପଣ୍, ନିଷ୍ଠା ଆଉ ଦେଶସେବା ଭାବ ସବୁ ଭାରତୀୟଙ୍କୁ ଗୌରବାନ୍ୱିତ କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ମାତୃଭୂମିର୍ ସେବା କରୁଥିବା ବାୟୁସେନାର୍ ବୀର ଯବାନ୍ ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି କହିଛନ୍ ।

ବୌଦ୍ଧ-ମଡ଼ିଆ ରଥ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନୁ ଆଏଜ୍ ଶ୍ରୀଅନ୍ନ ଅଭିଯାନ୍ ମଡ଼ିଆ ରଥର୍ ଶୁଭାରମ୍ଭ କରାଯାଇଛେ । କୃଷି ଅଧିକାରୀ ରାଜେଶ୍ ଚୌଧୁରୀ ଆଉ ମଡ଼ିଆ ଯୋଜ୍‌ନା ଅଧିକାରୀ ମଧୁସୂଦନ୍ ପାତ୍ର ରଥର୍ ଶୁଭାରମ୍ଭ କରିଛନ୍ । ଇ ରଥ ବୌଦ୍ଧ ବ୍ଲକ୍‌ର ସବୁ ପଂଚାୟତ୍‌କେ ବୁଲିକରି ମଡ଼ିଆ ଚାଷ୍ ଆଉ ଇତାର୍ ପୁଷ୍ଟିକର ତତ୍ୱ ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କର୍‌ବା ।

ମହିଲା ଚାଷୀ-ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ମହିଲା ଚାଷୀଙ୍କର୍ ସୁରକ୍ଷା ଆଉ ବିପର୍ଯ୍ୟୟକେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହର୍‌ଭଙ୍ଗା ବ୍ଲକ୍

ସର୍‌ସରା ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିଥି ଭାବେ ଜ୍ୟୋତିରଞ୍ଜନ୍ ପ୍ରଧାନ୍ ଯୋଗ୍ ଦେଇକରି ମହିଳା ଚାଷୀଙ୍କୁ ସେମାନ୍‌କର୍ ସୁରକ୍ଷା ବାବ୍‌ଦେ ସଚେତନ୍ କରିଥିଲେ । ଖାସ୍ କରି କ୍ଷେତେ କାମ୍ କଲା ବେଲେ୍ ସାଁପ୍ ଚାବ୍‌ଲେ, ପାନି ବୁଡ଼ିଯାଉଥିଲେ କି ଜୁଏର ସାମ୍‌ନା କଲେ କେନ୍ ହିସାବେ ନିଜ୍‌କେ ବଂଚାବେ ସେ ବାବ୍‌ଦେ ସଚେତନ୍ କରିଥିଲେ ।

ଅଗ୍ନି ସୁରକ୍ଷା ସପ୍ତାହ-ମକ୍‌ଡ୍ରିଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଦ୍ୟୁତ୍ ବିଭାଗ୍ କାର୍ଯ୍ୟାଳୟ ପରିସର୍ ନ ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ଅବ୍‌ସରେ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଅଗ୍ନିଶମ ବିଭାଗ୍ କର୍ମଚାରୀ ମାନେ ଜୁଏ ଲାଗ୍‌ଲା ସମିଆଥି କେନ୍ତାକରି ନିଜ୍‌କେ ଆଉ ଅଲ୍‌ଗାମାନ୍‌କୁ ସୁରକ୍ଷିତ୍ ରଖିପାର୍‌ବେ ସେ ବାବ୍‌ଦେ କୌଶଲ୍ ପ୍ରଦର୍ଶନ୍ କରିଥିଲେ । ବିଦ୍ୟୁତ୍ ବିଭାଗ୍‌ର କର୍ମଚାରୀମାନେ ତାଲିମ୍ ନେଇଥିଲେ ।

ବଲାଙ୍ଗିର୍ -ଦିଶା କମିଟି ବୈଠକ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପରିଷଦ୍ ସଭାଗୃହ ନ ଲୋକ୍‌ସଭା ସାଂସଦ୍ ସଂଗୀତା କୁମାରୀ ସିଂହଦେଓଙ୍କର୍ ସଭାପତିତ୍ୱଥି ଆଏଜ୍ ଦିଶା କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖାସ୍‌କରି ଜିଲ୍ଲାର୍ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ୍, ପିଇବାର୍ ପାଏନ୍, ଜଲ୍‌ସେଚନ୍ ବାଗିର୍ ବିଷେଥି ଆଲୋଚନା କରାଯାଇଥିଲା । ଜିଲ୍ଲା ନ ଚାଲିଥିବା ଉନ୍ନୟନ୍ କାମ୍ ମାନ୍‌କୁ ତୁର୍‌ତି ସାର୍‌ବାର୍‌କେ ଇ ଅବ୍‌ସରେ ସାଂସଦ୍ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି କଂଟାବାଞ୍ଜି ବିଧାୟକ୍ ଲକ୍ଷ୍ମଣ ବାଗ୍, ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍, ଜିଲ୍ଲା ପରିଷଦ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସେନ ସୁନା ଆଉ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

କପା ଘିନ୍‌ବାର୍ କମିଟି ବୈଠକ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କପା ଘିନ୍‌ବାର୍ କମିଟି ବୈଠକ୍ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଯାଇଛେ । ବୈଠକ୍‌ର ନିଷ୍ପତି ଅନ୍‌ସାରେ ଆଏବା ମାସର୍ ୨୬ ତାରିଖିନୁ ଜିଲ୍ଲାର୍ ୨ ଟା କପା ମଣ୍ଡି ଭବାନୀପାଟ୍‌ନା ବ୍ଲକ୍‌ର କର୍ଲାପଡ଼ା ଆଉ କେସିଙ୍ଗା ବ୍ଲକ୍‌ର ଉହେଲା ଠାନେ ଚାଷୀମାନ୍‌କର୍‌ନୁ କପା ଘିନ୍‌ବାର୍ ମୁଲ୍ କରାଯିବା । ଆଘୋନୁ ଥିବା ଗୋଲାମୁଣ୍ଡା ବ୍ଲକ୍‌ର ଉଛୁଲାମଣ୍ଡିକେ ବନ୍ଦ୍ କରିକରି ଚାଷୀମାନ୍‌କୁ କର୍ଲାପଡ଼ା

ମଣ୍ଡିନୁ କପା ବିକ୍‌ବାର୍‌କେ ପରାମର୍ଶ ଦିଆଯାଇଛେ । ଇ ବଛର୍ କପା ବିକ୍‌ବାର୍ ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍‌ର ଶେଷ୍ ଦିନ୍ ଅକ୍ଟୋବର୍ ୩୧ ତାରିଖ୍ ରହିଛେ । ଭଲ୍ କପା କ୍ୱିଂଟାଲ୍ ପିଛା ୮ ହଜାର୍ ଶହେ ୧୦ ଆଉ ମଧମ୍ ଧରଣ୍‌ର କପା କ୍ୱିଂଟାଲ୍ ପିଛା ୭ ହଜାର୍ ୭ ଶହ ୧୦ ଟଙ୍କାଥି ଘିନ୍‌ବାର୍‌କେ ଧାରିଜ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୧୦ ତାରିଖ୍ ଉତର୍ ବଙ୍ଗୋପ୍‌ସାଗର୍ ଆର୍ ତାର୍ ପାଖର୍ ଇଲାକା ନ ଫେର୍‌ଗୁଟେ ଘୂର୍ଣ୍ଣିବଳୟ ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ବୌଦ୍ଧ ସହେତେ ରାଜ୍ୟର୍ ୨୪ ଟା ଜିଲ୍ଲା ନ ଘଡ୍‌ଘଡ଼ି ସାଙ୍ଗେ ଧୁକାଗର୍ଡ଼ି ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ଫେର୍ ୨ ଟା ଗେଟ୍ ବନ୍ଦ୍ କରାଯାଇକରି ୫ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।